## ଅଙ୍ଗନୱାଡ଼ି କେନ୍ଦ୍ର ଉଦ୍‌ଘାଟିତ

ଭୋଗରାଇ, (ପ୍ରଦୀପ ଦାସ)-ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ବହ୍ଲରପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ୭ଲକ୍ଷ ଟଙ୍କା ବ୍ୟୟରେ ନୂତନ ଅଙ୍ଗନୱାଡ଼ି କେନ୍ଦ୍ରକୁ ଗୁରୁବାର ଉଦ୍‌ଘାଟନ କରାଯାଇଛି। ବିଧାୟକ ଅନନ୍ତ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ନୂତନ ଗୃହକୁ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ଡିଆଇ ଲକ୍ଷ୍ମଣ ଦତ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଆଭିମୁଖ୍ୟ ରଖିଥିଲେ କର୍ମୀ ସୁବଳ ଚନ୍ଦ୍ର ଜେନା ମତ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପଞ୍ଚାୟତ ସମିତି ଅଧକ୍ଷ ପ୍ରବୀର କୁମାର ଗିରି, ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ।

## ଆଜି କ'ଣ କେଉଁଠି

ବାଲେଶ୍ୱର

- 'ମୋ ମାଟି, ମୋ ଦେଶ' କାର୍ଯ୍ୟକ୍ରମ, ସ୍ଥାନ : ଫକୀରମୋହନ ବିଶ୍ୱବିଦ୍ୟାଳୟ (ନୂଆପାଢ଼ୀ), ସମୟ: ପୂର୍ବାହ୍ନ ୧୧ଟା।
- 'ମହକ ଓ ଉତ୍ସାହ-୨୦୨୩'ର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଉତ୍କଳ ବାଳାଶ୍ରମ, ସମୟ: ଅପରାହ୍ନ ୪ଟା

## ସାଇବର ଠକେଇ, ୩ ଯୁବକ ଗିରଫ

**ବାସୁଦେବପୁର,୧୯।୧୦(ନାରାୟଣ ପ୍ରସାଦ ବାରିକ୍):** ଭଦ୍ରକ ଜିଲା ବାସୁଦେବପୁର ଥାନା ପୋଲିସ ଏକ ସାଇବର ଠକେଇ ଘଟଣାରେ ଗୁରୁବାର ୩ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସାବରଙ୍ଗ ଥାନା ଅଧୀନ ସାବରଙ୍ଗ ଗ୍ରାମର ପ୍ରୟାସକାନ୍ତି ଦାସ(୨୦), ସିମୁଳିଆ ଥାନା ମଞ୍ଜୁରୀପୁର ଗ୍ରାମର ଜଗନ୍ନାଥ ଦଳେଇ(୨୧) ଓ ମୃତ୍ୟୁଞ୍ଜୟ ବେହେରା(୨୦)। ଏନେଇ ବାସୁଦେବପୁର ଥାନାରେ ମାମଲା (ନଂ.୫୯୬/୨୩) ରୁଜୁ ହୋଇଛି। ଥାନାଧିକାରୀ ଲୋପାମୁଦ୍ରା ନାୟକଙ୍କ ସୂଚନା ଅନୁସାରେ ୩ଜଣ ଟେଲିଗ୍ରାମ ନାମକ ଏକ ଆପ୍ ଡାଉନଲୋଡ୍ କରି ଏଥିରେ ଲୋକଙ୍କୁ ପ୍ରଲୋଭିତ କରି ଓଟିପି ମାଗି ଅର୍ଥ ଠକେଇ କରୁଥିଲେ। ଏ ସମ୍ପର୍କରେ ସୂଚନା ମିଳିବା ପରେ ପୋଲିସ ନିଜ ପକ୍ଷରୁ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ୩ ଯୁବକଙ୍କୁ ଗିରଫ କରାଯିବା ସହ ଘଟଣାର ଅଧିକ ତଦନ୍ତ ଚାଲିଛି।

## 'ଫକୀରମୋହନଙ୍କ ଗଳ୍ପରେ ବାସ୍ତବତାର ଚିତ୍ର' ଆଲୋଚନାଚକ୍ର

ଧାମନଗର,୧୯।୧୦(ଦେବେନ୍ଦ୍ର ଆଦିଆ)-ଭଦ୍ରକ ଜିଲା ଧାମନଗର ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ଅଧକ୍ଷ ଡ. ବନମାଳୀ ଦାଶଙ୍କ ସଭାପତିତ୍ୱରେ 'ଫକୀର ମୋହନଙ୍କ ଗଳ୍ପରେ ବାସ୍ତବତାର ଚିତ୍ର' ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରାଧ୍ୟାପକ ପ୍ରଦୀପ କୁମାର ରାୟ, ମୁଖ୍ୟବକ୍ତା ଡ. ସମୀର କୁମାର ହୁଇ ଓ ଅନ୍ୟତମ ଅତିଥି ଭାବେ ଡ. ମନୋଜ କୁମାର କର ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗ ଉପରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଚିନ୍ମୟ ଜେନା ପ୍ରାରମ୍ଭିକ ସୂଚନା, ବିଭାଗ ମୁଖ୍ୟ ଡ. ପ୍ରଶାନ୍ତ କୁମାର ପରିଡ଼ା ସଭା ପରିଚାଳନା ଓ ଅଧ୍ୟାପିକା ଆଦ୍ୟାରଶ୍ମି ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ସ୍ଥିତିପ୍ରଜ୍ଞା ମିଶ୍ର, ରାଜଲକ୍ଷ୍ମୀ ନାୟକ, ମାମୁନି ସାମଲ, ଗୌରୀ ଖଟୁଆ, ରେଣୁ ବାରିକ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଏହି ଅବସରରେ ସମ୍ମାନ ଶ୍ରେଣୀର ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ମହେଶ୍ୱର ଜେନା, ଗୋପବନ୍ଧୁ ସେଠୀ, ପବିତ୍ର ପୁହାଣ, ଶଶିକାନ୍ତ ସାହୁ, ସ୍ମରଣିକା ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ସଞ୍ଜୟ କୁମାର ପଣ୍ଡା, ଆଶୀର୍ବାଦ ମହାନ୍ତି, ଅଧ୍ୟାପିକା ବାସ୍ତବିକା ଦାସ, ପ୍ରଦୀପ ମହାପାତ୍ର ପ୍ରମୁଖ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ।

## ସୁରଭିରେ ଭାଗ ନେଲେ ୧୭ କ୍ଲଷ୍ଟର ଛାତ୍ରୀଛାତ୍ର

**ଖଇରା, (ଉତ୍କଳବନ୍ଧୁ ପଣ୍ଡା):** ବାଲେଶ୍ୱର ଜିଲା ଖଇରା ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ମିଲେଟ ପ୍ରତିଯୋଗିତା ଖଇରା ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଇଓ ଗଦାଧର ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଆମେରିକାର ରାଷ୍ଟ୍ରପତି ଆବ୍ରାହମ ଲିଙ୍କନଙ୍କ ଶିକ୍ଷକଙ୍କୁ ଲେଖିଥିବା ଚିଠିଟି ପଢିବା ସହ ପିଲାମାନଙ୍କୁ ଏଭଳି ଭାବେ ଗଢିବାକୁ ଉପସ୍ଥିତ ଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ, ପ୍ରାକ୍ତନ ବିଇଓ ସୁଦର୍ଶନ ରାଉତ, ଗୋଲକ ପ୍ରସାଦ ପାତ୍ରୀ, ପ୍ରାକ୍ତନ ଏବିଇଓ ଶ୍ରୀଧର ବେହେରା, ବର୍ତ୍ତମାନର ଏବିଇଓ ହେମନ୍ତ କୁମାର ମିଶ୍ର ଓ ଗୌରାଙ୍ଗ ମହାପାତ୍ର, ସରପଞ୍ଚ ମାଳତୀ ସେଠୀ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ । ୧୭ କ୍ଲଷ୍ଟରରୁ ଆସିଥିବା ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଆରଟି ମନୋଜ କୁମାର ମହାପାତ୍ର, କର୍ମଚାରୀ ସୁଶାନ୍ତ କୁମାର ନାୟକ, ଦେବାଶିଷ ରାଉତ, କମଳାକାନ୍ତ ଶିଆଳ ପ୍ରମୁଖ ପରିଚାଳନା କରିଥିଲେ ।

# ପ୍ରସ୍ତାବିତ ଥାନା ପୁନର୍ଗଠନକୁ ନେଇ କୁହୁଳୁଛି ଅସନ୍ତୋଷ

**ଖଇରା, ୧୯।୧୦(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ଥାନା ପୁନର୍ଗଠନ ପ୍ରକ୍ରିୟା ଚାଲୁ ରହିଥିବା ବେଳେ ଦୂରତାକୁ ଅଣଦେଖା କରାଯାଉଥିବାରୁ ଏବେ ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିବାରେ ଲାଗିଛି । ଜନସାଧାରଣଙ୍କ ଯାତାୟାତକୁ ଦୃଷ୍ଟିରେ ରଖି ନୂତନ ଥାନା ପ୍ରତିଷ୍ଠା କରିବାକୁ ଦାବି ହୋଇଛି ।

ଖଇରା ଥାନା ଅଧୀନରେ ଏବେ ୩୪ ପଞ୍ଚାୟତ ଥିବା ବେଳେ ଖଇରା ପୋଲିସ ଦୂରରେ ଥିବା ପଞ୍ଚାୟତଗୁଡିକୁ ଆଇନ ସହାୟତା ପ୍ରଦାନ କଷ୍ଟକର ହୋଇପଡୁଥିଲା। ଡୁଡିଗଡିଆ ଏବଂ ଢୁଙ୍ଗୁରାଠାରେ ୨ଟି ଥାନା ପ୍ରତିଷ୍ଠା ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଥିଲା। ଏବେ ନିକଟରେ ଡୁଡିଗଡିଆଠାରେ ଏକ ଥାନା ପ୍ରତିଷ୍ଠା ପାଇଁ ଗୃହ ବିଭାଗ ନିଷ୍ପତ୍ତି ନେବା ପରେ ରାଜସ୍ୱ ବିଭାଗ ଦ୍ୱାରା ଜାଗା ଚିହ୍ନଟ କାର୍ଯ୍ୟ ଶେଷ ହୋଇଛି । ଖଇରା ଥାନା ଅଧୀନରୁ ୧୩ ପଞ୍ଚାୟତ କାଟି ଏହି ନୂତନ ଥାନା ଅଧୀନରେ ରଖାଯାଇଥିବା ଜାଣିବାକୁ ମିଳିଛି । ହେଲେ ଶେଷ ହୋଇଥିବା ସର୍ଭେ ଠିକ୍‌ଠାକ୍ ନ ଥିବାରୁ ବିଭିନ୍ନ ପଞ୍ଚାୟତରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ବିଶେଷ କରି ପ୍ରସ୍ତାବିତ ନୂଆ ଥାନା ଅଧୀନରେ ରଖାଯାଇଥିବା ମହତିପୁର, ସୁଣ୍ଡିରା, ସାରଡାଙ୍ଗ ପଞ୍ଚାୟତର ଜନସାଧାରଣ ପ୍ରତିବାଦର ସ୍ୱର ଉଠାଇଛନ୍ତି। ଜନସାଧାରଣଙ୍କ ମତକୁ ସମ୍ମାନ ଦେଇ ଏହି ଥାନା ପ୍ରତିଷ୍ଠା କରିବା ଜରୁରୀ ବୋଲି ସୁଣ୍ଡିରା ପଞ୍ଚାୟତ ସରପଞ୍ଚ ମମତାରାଣୀ ପରିଡ଼ା ଓ ସମିତିସଭ୍ୟ ନଳିନୀ ସାହୁ ପ୍ରକାଶ କରିବା ସହ ଏ ସମ୍ପର୍କରେ ବାଲେଶ୍ୱର ଜିଲାପାଳଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ପୂର୍ବରୁ ଉପରୋକ୍ତ ପଞ୍ଚାୟତବାସୀଙ୍କୁ ଖଇରା ଥାନାକୁ ଆସିବାକୁ ୨ରୁ ୭କି.ମି. ଦୂରତା ଅତିକ୍ରମ କରିବାକୁ ପଡୁଥିଲା। ହେଲେ ଯଦି ଡୁଡିଗଡିଆ ଥାନା ଅଧୀନରେ ରୁହେ ତେବେ ୧୨ରୁ ୧୫କି.ମି. ଦୂରତା ଅତିକ୍ରମ କରିଯିବା ସମସ୍ତଙ୍କ ପାଇଁ ସହଜ ହେବ ନାହିଁ ବୋଲି ଏହି ୩ ପଞ୍ଚାୟତବାସୀ କହିଛନ୍ତି। ଯଦି ପୁନର୍ଗଠନ ପ୍ରକ୍ରିୟାକୁ ସଂଶୋଧନ କରା ନ ଯାଏ ତେବେ ନିଜର ସମର୍ଥକଙ୍କ ସହ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କଂଗ୍ରେସ ନେତା ହିମାଂଶୁ ଶେଖର ବେହେରା ଚେତାବନୀ ଦେଇଛନ୍ତି । ଏ ସମ୍ପର୍କରେ ଖଇରା ତହସିଲଦାରଙ୍କୁ ଯୋଗାଯୋଗ କରିବାରେ ସେ ଏହି ପୁନର୍ଗଠନ ବିଷୟରେ ବିଶେଷ କିଛି ଜାଣିନାହାନ୍ତି । ତାଙ୍କୁ କେବଳ ଗାଁ ତାଲିକା ଦେବାକୁ କୁହାଯାଇଥିଲା ଯାହାକୁ ସେ ପଠାଇଥିବା କହିଛନ୍ତି ।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଥାନା ଘେରାଉ



ଚାନ୍ଦବାଲି ଥାନା ସମ୍ମୁଖରେ ଅଖଣାସାହି ଗାଁର ଲୋକେ।

**ଚାନ୍ଦବାଲି,୧୯।୧୦(କିଷାନ ପାତ୍ର)**

ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଧୀନ ମାଧପୁର ପଞ୍ଚାୟତ ଅଖଣାସାହି ଗାଁର ସୁକାନ୍ତ ଦାସ ନାମକ ଯୁବକଙ୍କୁ ହତ୍ୟା ଘଟଣାରେ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଗ୍ରାମବାସୀ ଗୁରୁବାର ଥାନା ଘେରାଉ କରିଥିଲେ। ପ୍ରଥମେ ମତୋ ଫାଣ୍ଡି ପରେ ଚାନ୍ଦବାଲି ଥାନାକୁ ଘେରିଥିଲେ। ପୋଲିସ ସେମାନଙ୍କୁ ବୁଝାଶୁଝା କରିବା ସହ ହତ୍ୟାକାଣ୍ଡ ଉପରୁ ପରଦା ଉଠାଇବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ପ୍ରକାଶଥାଉ କି, ଅଖଣାସାହି ଗାଁର ରମେଶ ଦାସଙ୍କ ପୁଅ ସୁକାନ୍ତ ଗତ ୧୩ ତାରିଖରେ ନିଖୋଜ ହୋଇଯାଇଥିଲେ। ୧୫ ତାରିଖରେ ନଟିଆ ଯୋରରୁ ତାଙ୍କ ମୃତଦେହ ମିଳିଥିଲା। ଏହି ଘଟଣାରେ ପୋଲିସ ଉକ୍ତ ଗାଁର ଜୟଦେବ ଦାସ(ଝଡ଼ିଆ)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ରାଜ୍ୟ, ଜାତୀୟ ପୁରସ୍କୃତ ଶିକ୍ଷକଙ୍କ ନାମଫଳକ ଉନ୍ମୋଚିତ

ବାରିପଦା,୧୯।୧୦ (ନୀଳାଦ୍ରି ବିହାରୀ ଦଣ୍ଡପାଟ)-ରାଜ୍ୟ ଓ ଜାତୀୟ ପୁରସ୍କୃତ ଶିକ୍ଷକ ସଙ୍ଗଠନର ମୟୂରଭଞ୍ଜ ଜିଲା ଶାଖା ଦ୍ୱାରା ପ୍ରସ୍ତୁତ ଜିଲାର ପୁରସ୍କୃତ ୮୧ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନାମଫଳକ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଉନ୍ମୋଚିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏହାକୁ ଉନ୍ମୋଚନ କରିବା ସହ କୃତୀ ଶିକ୍ଷକମାନେ ଦେଶର ମେରୁଦଣ୍ଡ ସଦୃଶ ବୋଲି ଅଭିହିତ କରିଥିଲେ। ଏଥିନିମନ୍ତେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଦୀପ୍ତିମୟୀ ନାୟକ ଓ ରାଜ୍ୟ ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତି ଉପସ୍ଥିତ ଥିଲେ। ଜିଲା ସଙ୍ଗଠନର ସଭାପତି ଡ. ଶଶିଧର ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସୁଦର୍ଶନ ପଣ୍ଡା, ଗୁଣାଧର ଦତ୍ତ, ଅଜିତ କୁମାର ଜେନା, ଅରୁଣ କୁମାର ଦାଶ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରେ ଜିଲା ଶିକ୍ଷାଧିକାରୀ ସେଠୀ, ରାଜ୍ୟ ସମ୍ପାଦକ ମହାନ୍ତି ଓ ମୁଖ୍ୟ ଉପଦେଷ୍ଟା ସନ୍ତୋଷ ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ସମ୍ପାଦନାରେ ଜିଲା ସମ୍ପାଦକ ଶ୍ରୀକୁମାର କବି ସହଯୋଗ କରିଥିଲେ। ଶେଷରେ କାର୍ଯ୍ୟକାରୀ ସଭାପତି ଭାଗବତ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଆର୍‌ଡିଏସ ଡିଗ୍ରୀ କଲେଜରେ ବାର୍ଷିକ କ୍ରୀଡ଼ା

ଉଦଳା,୧୯।୧୦(ସନ୍ତୋଷ କୁମାର ବାଛିନି) : ମୟୂରଭଞ୍ଜ ଜିଲା କୁଣ୍ଡାବାଇ ସ୍ଥିତ ଆର୍‌ଡିଏସ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଏବଂ ଲିଟରାରୀ ଫେଷ୍ଟ ୨୦୨୩-୨୪ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କପ୍ତିପଦା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି, ସମ୍ମାନିତ ଅତିଥିଭାବେ କୁଣ୍ଡାବାଇ ସରପଞ୍ଚ ପୁଷ୍ପଲତା ମାହାଲି, ଆର୍‌ଡିଏସ ହାୟର ସେକେଣ୍ଡାରୀ ସ୍କୁଲର ଅଧକ୍ଷ ଅରୋବିନ୍ଦ ମୁଦୁଲି, ରାଜନୀତି ବିଜ୍ଞାନର ମୁଖ୍ୟ ଅଧ୍ୟାପକ ଡ. ସୁଧାଂଶୁ ଶେଖର ଦାସ ମଙ୍ଗରାଜ, ଉଦ୍ଭିଦ ବିଜ୍ଞାନର ମୁଖ୍ୟ ଡ. ମମତା ପ୍ରଧାନ, ଓଡ଼ିଆ ବିଭାଗର ମୁଖ୍ୟ ଡ. ଅକ୍ଷୟ କୁମାର ଗିରି ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ।

# ଭାଜପା କୃଷକ ମୋର୍ଚ୍ଚାର ପରିବର୍ଦ୍ଧିତ ଜିଲା କାର୍ଯ୍ୟକାରିଣୀ

**କେନ୍ଦୁଝର,୧୯।୧୦**
**(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଜିଲା କାର୍ଯ୍ୟାଳୟଠାରେ ପରିବର୍ଦ୍ଧିତ ଜିଲା କାର୍ଯ୍ୟକାରିଣୀ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଭାଗିରଥି ସିଂଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ରୂପେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ, ଭାଜପା ରାଜ୍ୟ ଉପସଭାନେତ୍ରୀ ସୁକେଶୀ ଓରାମ, ପୂର୍ବତନ ଜିଲା ସଭାପତି ରାଧାକାନ୍ତ ମହାନ୍ତ, କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ବିକ୍ରମ କେଶରୀ ରାଉତରାୟ, ଜୈବିକ କୃଷି ରାଜ୍ୟ ସଂଯୋଜକ ଜଗନ୍ନାଥ ମହାପାତ୍ର, ଜଳସେଚନ ସଂଯୋଜକ ଜନାର୍ଦ୍ଦନ ଦଳବେହେରା, ଆରଟିଆଇ ସଂଯୋଜକ ହରିହର ମହାନ୍ତ, ସାମାଜିକ ଗଣମାଧ୍ୟମ ରାଜ୍ୟ ସଂଯୋଜକ ସୁଧାକର ସାହୁ, ଜିଲା ପ୍ରଭାରୀ ଶଙ୍କର୍ଷଣ ଜେନା, ଭଦ୍ରକ ପ୍ରଭାରୀ ଶ୍ରୀଧର ସାହୁ, ବଣେଇ ପ୍ରଭାରୀ ସତ୍ୟବ୍ରତ ନାଏକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଖିଳଚନ୍ଦ୍ର ନାଏକ, ପୂର୍ବତନ କୃଷକ ମୋର୍ଚ୍ଚା ଜିଲା ସଭାପତି ବିବେକାନନ୍ଦ ମହାନ୍ତ ଯୋଗଦେଇ ଜିଲାର ସମସ୍ତ ପଦାଧିକାରୀ, ମଣ୍ଡଳ ସଭାପତି ଏବଂ ବିଭିନ୍ନ ଅଞ୍ଚଳର ଚାଷୀ ଉପସ୍ଥିତି ଥିଲେ। ଚାଷୀଙ୍କ ସୁବିଧା ନିମନ୍ତେ ପ୍ରତ୍ୟେକ ବ୍ଲକ୍‌ରେ ଶୀତଳ ଭଣ୍ଡାର ଖୋଲିବା ପାଇଁ ରାଜ୍ୟ ସରକାର ଦେଇଥିବା ପ୍ରତିଶ୍ରୁତି କେବେ ପୂରଣ ହେବ, ଜମିକୁ ଜଳସେଚନ, ଚାଷ ଜମିରେ ହାତୀ ଉପଦ୍ରବ ଏବଂ ଚକଡ଼ା ପୋକ ସଂକ୍ରମଣ, ଧାନ ମଣ୍ଡି ସମସ୍ୟା ଆଦିର ସମାଧାନ ଦାବିରେ ଆଗାମୀ ଦିନରେ ଆନ୍ଦୋଳନ କରିବା ପାଇଁ କାର୍ଯ୍ୟକାରିଣୀରେ ନିଷ୍ପତ୍ତି ହୋଇଛି। ମୋଦି ସରକାରର ୯ ବର୍ଷର ସଫଳତା ତଥା ପିଏମ କିସାନ ସମ୍ମାନ ନିଧି, ପିଏମ ଫସଲ ବୀମା ଯୋଜନା, ଧାନ ଏମ୍‌ଏସ୍‌ପି ୨୦୪୦କୁ ବୃଦ୍ଧି କରିବା ଆଦି ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ବାଲିବରେଇ ମଣ୍ଡଳର କୃଷକ ମୋର୍ଚ୍ଚା ସଭାପତି ଗଙ୍ଗାଧର ରାଉତ ନିଜର ଶିକ୍ଷକତାରେ ଉପାର୍ଜିତ ୩୫ ଲକ୍ଷ ଟଙ୍କା ବିନିମୟରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଏକ ପୋଲ ନିର୍ମାଣ କରିଥିବାରୁ ତାଙ୍କୁ ସମ୍ମାନିତ କରାଯାଇଥିଲା। ଜିଲା ଉପସଭାପତି ଜୟକୃଷ୍ଣ ମହାନ୍ତ ଧନ୍ୟବାଦ ଦେଇଥିଲେ। ସାଧାରଣ ସମ୍ପାଦକ ରାଜେଶ ସିଂହ ଓ ଯୁଧିଷ୍ଠିର ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ।

# ଛାତ୍ରୀଛାତ୍ରଙ୍କ ପ୍ରତିଭା ବିକାଶ କରେ 'ସୁରଭି'

**ପାଟଣା(ବୀରକିଶୋର ଦାଶ)/ଯୋଡ଼ା(ମାନସ ମହାନ୍ତି)/ଢେଙ୍କିକୋଟ(ନୀଳମଣି ମଣ୍ଡଳ)/ ଚମ୍ପୁଆ(ମହେଶ୍ୱର ଦାସ),୧୯।୧୦**

କେନ୍ଦୁଝର ଜିଲା ବିଭିନ୍ନ ବ୍ଲକ୍‌ରେ ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ମିଲେଟ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପାଟଣା ବ୍ଲକ୍ ମୁଖ୍ୟାଳୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଟଣା ପରିସରରେ କାର୍ଯ୍ୟକ୍ରମକୁ ଶିକ୍ଷକ ପାର୍ଥ ସାରଥୀ ବେଜ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥିଭାବେ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକ ଯୋଗଦେଇ ସୁରଭି ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶରେ ସହାୟକ ହୋଇଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ବଡ଼ ପାଟଣା ସରପଞ୍ଚ ବିନତି ବାନାରା, ଏବିଓ ସଚିଦା ନନ୍ଦ ସେଠୀ, ସାମାଜିକକର୍ମୀ ଅଜୟ ଦାଶ, ପାଟଣା ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ କମଳାକାନ୍ତ ପତି ପ୍ରମୁଖ ଯୋଗଦେଇଥିଲେ। ଯୋଡ଼ା ବ୍ଲକ୍ ଅନ୍ତର୍ଗତ ବନେଇକଳା ଉଚ୍ଚ ବିଦ୍ୟାଳୟଠାରେ କାର୍ଯ୍ୟକ୍ରମକୁ ବ୍ଲକ୍‌ର ଗୋଷ୍ଠୀ ଶିକ୍ଷା ଅଧିକାରୀ



ପାଟଣା ବିଧାୟକ ଜଗନ୍ନାଥ ନାଏକଙ୍କ ସହ କୃତୀ ପ୍ରତିଯୋଗୀ।

କ୍ଷେତ୍ରମୋହନ ହାଁସଦା ଶୁଭାରମ୍ଭ କରିଥିଲେ। ଏଥିରେ ବ୍ଲକ୍‌ର ୨୪ ଟି କ୍ଲଷ୍ଟରରୁ ମୋଟ ୨୬୩ ପ୍ରତିଯୋଗୀ ୧୩ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଯୋଡ଼ା ବ୍ଲକ୍ ଅଧ୍ୟକ୍ଷ କବିନ୍ଦ୍ର ନାଏକ ମୁଖ୍ୟ ଅତିଥି, ବନେଇକଳା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯଯାତି କେଶରୀ ବେହେରା, ବିରଞ୍ଚି ନାରାୟଣ ଶତପଥୀ, ପ୍ରଶାନ୍ତ ସେଠୀ ସମ୍ମାନିତ ଅତିଥି ଭାବେ ଉଦ୍‌ଯାପନୀ ସଭାରେ ଯୋଗଦେଇଥିଲେ। ସିଆରସିସି ଦୁଃଖବନ୍ଧୁ ମିଶ୍ର ଓ ଚୌଧୁରୀ ତନ୍ତୀ ମଞ୍ଚ ପରିଚାଳନା କରିଥିଲେ। ସାହାରପଡ଼ା ସରକାରୀ ହାଇସ୍କୁଲରେ କାର୍ଯ୍ୟକ୍ରମରେ ଏବିଓ ଦୟାନିଧି ପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ଉତ୍ତମ ନାୟକ, ମୁଖ୍ୟ ବକ୍ତାଭାବେ ଏବିଓ ଭାରତୀ ରାମ, ସମ୍ମାନୀୟ ଅତିଥିଭାବେ ଏବିଓ ରତ୍ନାକର ମହାନ୍ତ, ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ସାହୁ ଯୋଗଦେଇଥିଲେ। ଏଥିରେ ବ୍ଲକ୍‌ରେ ଥିବା ୧୬୯ ସ୍କୁଲ୍‌ର ବିଭିନ୍ନ ବିଭାଗରେ ୪୫୦ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଜିଲାସ୍ତରକୁ ୩୪ କୃତୀ ଛାତ୍ରୀଛାତ୍ର ମୋନନୀତ ହୋଇଥିଲେ। ହାଇସ୍କୁଲର ଶିକ୍ଷକ ବିଚିତ୍ରାନନ୍ଦ ସେଠୀ, ଅଜିତ ବେହେରା, ଲୁଲୁ ବାରିକ ଓ ମହେଶ ଦାସ ସହଯୋଗ କରିଥିଲେ। ଚମ୍ପୁଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ବିଡିଓ ରାଜା ରଞ୍ଜିତ ପ୍ରତାପ ବଳ ଯୋଗଦେଇ ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ନାଏକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନରେନ୍ଦ୍ର ନାଏକ, ପୂର୍ଣ୍ଣଚନ୍ଦ୍ର ସାହୁ, ମହତାବ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲୋକନାଥ ଗୁଇଁ ଯୋଗଦେଇଥିଲେ। ବ୍ଲକ୍‌ର ୧୩ କ୍ଲଷ୍ଟରର ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ୧୧ ବିଭାଗରେ ଭାଗ ନେଇଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com



@ବଣ୍ଟି



@ଚିରଞ୍ଜିତ୍

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ଆରମ୍ଭ ହେଲା ଜିଲାସ୍ତରୀୟ ମହକ ଓ ଉତ୍ସାହ




ଉଦ୍‌ଘାଟନୀ ସଭାରେ ମଞ୍ଚାସୀନ ଅତିଥିଗଣ।

**ବାଲେଶ୍ୱର, ୧୯।୧୦ (ମାନସ ବିଶ୍ୱାଳ)**

ବାଲେଶ୍ୱର ସହର ସହଦେବଖୁଣ୍ଟାସ୍ଥିତ ଉତ୍କଳ ବାଳାଶ୍ରମ ପରିସରରେ ଜିଲାସ୍ତରୀୟ ଶିଶୁ ଉତ୍ସବ 'ମହକ ଓ ଉତ୍ସାହ-୨୦୨୩' ଉଦ୍‌ଘାଟିତ ହୋଇଛି। ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ସଭାପତିତ୍ୱ କରି ସରକାର ଶିଶୁ ଯତ୍ନ ଅନୁଷ୍ଠାନକୁ ପ୍ରାଥମିକତା ଦେବା ସହ ସ୍ମାର୍ଟ ଲାବରେଟୋରୀ ଭଳି ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି। ଉତ୍କଳ ବାଳାଶ୍ରମ ଭଳି ଜିଲାର ଅନ୍ୟ ଶିଶୁ ଯତ୍ନ ଅନୁଷ୍ଠାନରେ ମଧ୍ୟ ସ୍ମାର୍ଟ ଲାବୋରେଟୋରୀ ଭଳି ସୁବିଧା ଶୀଘ୍ର ଯୋଗାଇ ଦିଆଯିବ। ଏ ସମସ୍ତ ସୁଯୋଗ ନେଇ ପିଲାମାନେ ଉଚ୍ଚ ଶିକ୍ଷା ନିମନ୍ତେ ନିଜକୁ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ।

ମୁଖ୍ୟଅତିଥି ଭାବେ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ଶିଶୁମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ପରିପ୍ରକାଶର ମାଧ୍ୟମ ହେଉଛି ଶିଶୁ ମହୋତ୍ସବ 'ମହକ ଓ ଉତ୍ସାହ'। ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ଉପଜିଲାପାଳ କୁନାଲ ମୋତିରାମ ଚଭନ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଶିଖାରାଣୀ ପୋଦ୍ଦାର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଶିଶୁ ମଙ୍ଗଳ କମିଟି ସଦସ୍ୟ ପ୍ରିୟରଞ୍ଜନ ମହାନ୍ତି ମଞ୍ଚାସୀନ ଥିଲେ।

# ଆନ୍ତରିକତାର ସହ କାର୍ଯ୍ୟ କରିବାକୁ ପରାମର୍ଶ

**ସିମୁଳିଆ, (ସନ୍ତୋଷ ନାୟକ)**

ସିମୁଳିଆ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ଓଡ଼ିଶା ମିଲେଟ୍ସ ପ୍ରତିଯୋଗିତା ବୁଧବାର ବାଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ୧୬ଟି କ୍ଲଷ୍ଟରର ୧୫୪ଟି ବିଦ୍ୟାଳୟରୁ ୩ଶହ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ୧୦ଟି ବର୍ଗରେ ମୋଟ ୨୭ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରଥମ ପର୍ଯ୍ୟାୟ ଅଧିବେଶନରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସିମୁଳିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମହାଳିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ରୂପେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇଥିଲେ। ସଭାପତି ପ୍ରକାଶ ଚନ୍ଦ୍ର ମହାଳିକ ଓ ବିଆର୍‌ସିସି ଅଜୟ କୁମାର ପଣ୍ଡା ପ୍ରତ୍ୟେକ ଶିଶୁଙ୍କ ମଧ୍ୟରେ ଭଗବାନଙ୍କ ସତ୍ତା ରହିଛି ବୋଲି କହିଥିଲେ। ଏବିଇଓ ବାଇଧର ମଲିକ ଛାତ୍ରୀଛାତ୍ରମାନେ ପ୍ରତ୍ୟେକ କାର୍ଯ୍ୟକୁ ଆନ୍ତରିକତାର ସହ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସରପଞ୍ଚ ହରପ୍ରିୟା ମଲିକ, ସମିତିସଭ୍ୟ କାଳନ୍ଦୀ ଚରଣ ନାୟକ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ବିଜୟ କୁମାର ନାୟକ, ସିଆର୍‌ସିସି ପର୍ଶୁରାମ ଶଙ୍ଖୁଆ, ବାଟି ପଞ୍ଚାୟତ ହାଇସ୍କୁଲ ପ୍ରଧାନଶିକ୍ଷକ କୃପାସିନ୍ଧୁ ନାୟକ ପ୍ରମୁଖ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ।

# ସୋରରେ ଶିଶୁ ମହୋତ୍ସବ ସୁରଭି

**ସୋର, (ଜନ୍ମେଜୟ ମିଶ୍ର)**

ସୋର ପୌରପାଳିକା ଅଧୀନ ରାଧାନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ମିଲେଟସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସୋର ବିଧାୟକ ପର୍ଶୁରାମ ଧଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସୋର ଗୋଷ୍ଠୀ ଶିକ୍ଷାଧିକାରୀ ଭୀମସେନ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଧାନାଥ ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଅନନ୍ତ ପ୍ରସାଦ ବେହେରା ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଗୋଷ୍ଠୀ ଶିକ୍ଷାଧିକାରୀ ଭୀମସେନ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷାନୁଷ୍ଠାନ ଅଧକ୍ଷ ସୁଶାନ୍ତ କୁମାର ସେଠୀ ଓ ସମ୍ମାନିତ ଅତିଥି ଭାବେ ଏବିଇଓ ରେଣୁବାଳା ଖିଲାର ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଆମ୍ବ ତୋଟାରୁ ଯୁବକଙ୍କ ମୃତଦେହ ଜବତ

ହାଟଡ଼ିହୀ,୧୯।୧୦(ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ସୋସୋ ଥାନା କାନପୁର-ଦନେଇପୁର ଆମ୍ବ ତୋଟାରୁ ଜଣେ ବ୍ୟକ୍ତିଙ୍କ ରକ୍ତାକ୍ତ ମୃତଦେହ ଜବତ ହୋଇଛି। ମୃତକ ଜଣକ ହେଲେ ନିଉଦାନୀ ଗ୍ରାମର ହିମାଂଶୁ ପାତ୍ର (୪୭)। ହିମାଂଶୁ ଗତ ବୁଧବାର ଶାଳନ୍ଦୀ ନଦୀ ପାର ହୋଇ ଦନେଇପୁରକୁ ଯାଇଥିଲେ। କିନ୍ତୁ ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଘରକୁ ଫେରି ନ ଥିଲେ। ପରିବାର ଲୋକ ଖୋଜା ଖୋଜି କରିବା ପରେ ହିମାଂଶୁଙ୍କ ରକ୍ତାକ୍ତ ମୃତଦେହ ଆମ୍ବ ତୋଟାରେ ପଡ଼ିଥିବା ଗୁରୁବାର ସୂଚନା ପାଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ମେଡିକାଲକୁ ପଠାଇଛି। ଅପରପକ୍ଷେ ହିମାଂଶୁଙ୍କ ପତ୍ନୀ ଅନସୂୟାଙ୍କ ଅଭିଯୋଗ ଅନୁସାରେ ପୋଲିସ ଏକ ମାମଲା (ନଂ. ୧୬୨/୨୩) ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ବିଜୟ ବିହାରୀ କହିଛନ୍ତି।

### ଘର ଘର ବୁଲି ମାଟି ସଂଗ୍ରହ

ଚାନ୍ଦବାଲି,୧୯।୧୦(କିଷାନ ପାତ୍ର)- ଭଦ୍ରକ ଜିଲା ଚାନ୍ଦବାଲି ଏନ୍ଏସି ୧ ନଂ. ୱାର୍ଡରେ ଭାଜପା ପକ୍ଷରୁ ଗୁରୁବାର 'ମୋ ଦେଶ ମୋ ମାଟି' କାର୍ଯ୍ୟକ୍ରମ କରାଯାଇଛି। ୱାର୍ଡର ଜଗନ୍ନାଥ ମନ୍ଦିର ପରିସରରୁ ଯୁବନେତା ଦେବାଶିଷ ନାୟକଙ୍କ ନେତୃତ୍ୱରେ ମାଟି ସଂଗ୍ରହ କରାଯାଇଥିଲା। ଭାଜପା ଉପସଭାପତି କମଳାକାନ୍ତ ସୂତାର ଓ ସ୍ଥାନୀୟ ପ୍ରତିନିଧି ନୀଳମଣି ପଣ୍ଡା ଘର ଘର ବୁଲି ମାଟି ସଂଗ୍ରହ କରିଥିଲେ। ଦେଶରେ ଅଖଣ୍ଡତା ପାଇଁ ପ୍ରାଣ ବଳି ଦେଇଥିବା ଯବାନମାନଙ୍କ ସ୍ମୃତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ ମାଟି ସଂଗ୍ରହ କରାଯାଉଛି ବୋଲି କମଳାକାନ୍ତ ପ୍ରକାଶ କରିଥିଲେ। ପାରିଷଦ ଚନ୍ଦନ ରାଉତ, ସ୍ମୃତି ରଞ୍ଜନ ନାୟକ, ନୀଳମଣି ପଣ୍ଡା, ଫକୀର ସାମଲ, ଅଭୟ ନାୟକ, ଦୀପକ ନାୟକ, ସୁଧାକର ରାଉତଙ୍କ ସମେତ ଦଳର ବହୁ ଛାମୁଆ ନେତା ଓ କର୍ମୀ ମାଟି ସଂଗ୍ରହରେ ସାମିଲ ଥିଲେ।

### ରାସ୍ତାରେ ଜଳିଗଲା ସ୍କୁଟି

ଉଦଳା, ୧୯।୧୦ (ସନ୍ତୋଷ କୁମାର ବାଛିନୀ)-ରାସ୍ତାରେ ହୁତୁହୁତୁ ହୋଇ ଜଳିଗଲା ସ୍କୁଟି। ଅଳ୍ପକେ ବର୍ତ୍ତିଲେ ମା' ଝିଅ। ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ଦୁଗୁଧା ଗ୍ରାମର ମିଶନ ଶକ୍ତି ସଭାପତି ଝରଣା ବେସରା ନିଜ ୩ ବର୍ଷର ଝିଅକୁ ନେଇ କାମ ସାରି ଘରକୁ ଫେରୁଥିଲେ। ଦୁଗୁଧା-ଦେବକୁଣ୍ଡ ରାସ୍ତାର କାଠୁଆବେଡା ନିକଟରେ ହଠାତ୍ ସ୍କୁଟିରେ ନିଆଁ ଲାଗି ଯାଇଥିଲା। ସ୍କୁଟି ପୋଡ଼ିବାର ବାସ୍ନା ହେବା ପରେ ସେ ଗାଡ଼ିରେ ନିଆଁ ଲାଗିଥିବା ଜାଣିପାରି ଝରଣା ତୁରନ୍ତ ଝିଅ ସହ ଗାଡ଼ିରୁ ଓହ୍ଲାଇ ପଡ଼ିଥିଲେ। ଆଖି ସାମ୍ନାରେ ସ୍କୁଟିଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଖବର ପାଇ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ସ୍କୁଟି ମିଶନ ଶକ୍ତି ଯୋଜନାରେ ପାଇଥିଲେ ଏବଂ ଗୋଟିଏ କିସ୍ତି ଦେଇଥିବା ଝରଣା କହିଛନ୍ତି।

# ଓପିଡିରେ ରୋଗୀ ଦେଖୁଛନ୍ତି ଆୟୁଷ ଡାକ୍ତର

**ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

**୩ ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ ଦାବି**

ପାଟଣା,୧୯।୧୦(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମାତ୍ର ୩ ଏମ୍ବିବିଏସ୍ ଡାକ୍ତରଙ୍କ ସହ ଜଣେ ଶିଶୁ ବିଶେଷଜ୍ଞ ଡାକ୍ତରରେ ପରିଚାଳନା ହେଉଛି। ଡାକ୍ତର ଅଭାବରୁ ବୁଧବାର ଅପରାହ୍ନରେ ଜଣେ ଆୟୁଷ ଡାକ୍ତର ଓପିଡି ସମ୍ଭାଳିବାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉପସ୍ଥିତ ରୋଗୀ ଓ ସମ୍ପର୍କୀୟମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ୨୯ ଶଯ୍ୟା ବିଶିଷ୍ଟ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧ ଲକ୍ଷ ୨୪ ହଜାର ରୋଗୀଙ୍କୁ ସେବା ଯୋଗାଇଦେବାକୁ ୪ ଜଣ ବିଶେଷଜ୍ଞ ଡାକ୍ତରଙ୍କ ଭେଷଜ, ଶଲ୍ୟ, ସ୍ତ୍ରୀ ଓ ପ୍ରସୂତି, ଶିଶୁ, ଜଣେ ସୁପରିଣ୍ଟେଣ୍ଡେଣ୍ଟ, ଜଣେ ବ୍ଲକ୍ ପ୍ରୋଜେକ୍ଟ ହେଲ୍ଥ ଅଫିସରଙ୍କ ସହ ଜଣେ ଏମ୍ବିବିଏସ୍ ଡାକ୍ତର ରହିବା କଥା। ଜଣେ ମାତ୍ର ଶିଶୁ ବିଶେଷଜ୍ଞ ସହ ୩ ଜଣ ଏମ୍ବିବିଏସ୍ ଡାକ୍ତର ନିଯୁକ୍ତ ଅଛନ୍ତି। ସେଥିମଧ୍ୟରୁ ନୂତନ ଭାବେ ଯୋଗଦେଇଥିବା ୨ଏମ୍ବିବିଏସ୍ ଡାକ୍ତର ମୁଖ୍ୟାଳୟରେ ଅବସ୍ଥାନ କରୁ ନ ଥିବାରୁ ଜରୁରିକାଳୀନ ସେବା ଠପ୍ ହୋଇଯାଉଛି। ଡାକ୍ତର ଅଭାବରୁ ବ୍ଲକ୍ର ୫ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଡାକ୍ତର ଡକାଇ ରୋଗୀସେବା ଯୋଗାଯାଉଛି। ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପାଟଣା ବ୍ଲକ୍ ସହ ସାହାରପଡ଼ା ଓ କେନ୍ଦୁଝର ସଦର ବ୍ଲକ୍ ରୋଗୀ ନିର୍ଭର କରିଥାନ୍ତି। ଦୀର୍ଘଦିନରୁ ଖାଲି ପଡ଼ିଥିବା ଭେଷଜ, ଶଲ୍ୟ ଓ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞଙ୍କ ନିଯୁକ୍ତି ପାଇଁ ଭାଜପା ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, କଂଗ୍ରେସର ପୂର୍ବତନ ବ୍ଲକ୍ ଅଧକ୍ଷ ଇଂ ବିଦ୍ୟାଧର ଦାଶ ପ୍ରମୁଖ ଦାବି କରିଛନ୍ତି।

# 'ମୋ ମାଟି ମୋ ଦେଶ' ପାଇଁ ଅମୃତ କଳସ ଯାତ୍ରା



କଳସ ଯାତ୍ରାରେ ଏମ୍ପିଙ୍କ ସହ ଅନ୍ୟମାନେ।

ରୂପସା, ୧୯।୧୦(ବାଞ୍ଛାନିଧି ଦେ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ଦିଲ୍ଲୀରେ 'ଅମୃତ ବାଟିକା' ପ୍ରତିଷ୍ଠା ହେବାକୁ ଯାଉଛି। ଏହି ଅବସରରେ ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଧୀନ ବାହାର୍ଦ୍ଦା ଶିବମନ୍ଦିର ପ୍ରାଙ୍ଗଣରୁ 'ମୋ ମାଟି ମୋ ଦେଶ' ପାଇଁ ସଂଗ୍ରହ ହୋଇଥିବା ମାଟିକଳସକୁ ମହିଳା, ପୁରୁଷମାନେ ମୁଣ୍ଡରେ ମୁଣ୍ଡାଇ ଏକ ବିଶାଳ ଶୋଭାଯାତ୍ରାରେ ଗାନ୍ଧି ଛକଠାରେ ପହଞ୍ଚିଥିଲେ। ଏହାପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଜିଲା ଭାଜପା ସାଧାରଣ ସମ୍ପାଦକ ପ୍ରଦୀପ କୁମାର ପଣ୍ଡା ଅଧକ୍ଷତା କରିଥିଲେ। ଏମ୍ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଜିଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ବ୍ଲକ ଏଇଇ କୁଇଲି ଟୁଡୁ, ମଣ୍ଡଳ ସଭାପତି ରଞ୍ଜନ ମହାନ୍ତି, ଯୁବ ମୋର୍ଚ୍ଚା ସଭାପତି ଧୀରେନ କୁମାର ସେଠୀ, ବାଲିଆପାଳ ଏମ୍ପି ପ୍ରତିନିଧି ମହେଶ୍ୱର ଜେନା, ବସ୍ତା ମିଡ଼ିଆ ସଂଯୋଜକ ଦିବାକର ରାଉତ, ବରିଷ୍ଠ ନେତା ରାଧାଶ୍ୟାମ ମହାପାତ୍ର ପ୍ରମୁଖ ଉଦ୍ବୋଧନ ଦେଇଥିଲେ। ପ୍ରସନ୍ନ ପଣ୍ଡା, ଅଭିରାମ ମଲିକ, ରମେଶ ରାଉଳ, ନଗେନ୍ଦ୍ର ଜେନା, ନିଧିଆ ମାରାଣ୍ଡି, ଦିଲୀପ ପଣ୍ଡା, ଅଜୟ ଜେନା, ଶରତ ବାରିକ, ଶାନ୍ତନୁ ବିଶ୍ୱାଳ, ଆକାଶ ବେହେରା, ମୃତ୍ୟୁଞ୍ଜୟ ସାହୁ, ବିନୟକେତନ ଜେନା, ମଞ୍ଜରୀ ଜେନାଙ୍କ ସହିତ ବହୁ ଜନସମାଗମ ହୋଇଥିଲା।

# ଜିଲାସ୍ତରୀୟ ରଗ୍ବୀ ଫୁଟବଲ ଓ ସିପକ ଟାକ୍ର ପ୍ରତିଯୋଗିତା



କ୍ରୀଡ଼ାବିତ, ପ୍ରଶିକ୍ଷକ ଓ ଅତିଥିମାନେ।

ବାରିପଦା,୧୯।୧୦ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ବ୍ଲକସ୍ଥିତ ରାଣୀଭୋଳ ସରକାରୀ (ଏସ୍ଏସ୍ଡି) ବାଳିକା ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ୧୪ ଓ ୧୭ ବର୍ଷରୁ କମ ଜିଲାସ୍ତରୀୟ ରଗ୍ବୀ ଫୁଟବଲ ଓ ସିପକ-ଟାକ୍ର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନ ଓ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ପୌରହିତ୍ୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ହେମନ୍ତ କର ଯୋଗଦେଇ ପ୍ରତିଯୋଗିତାକୁ ଉଦ୍ଘାଟନ କରିଥିଲେ। ସେଣ୍ଟ୍ରାଲ ଅଫିସିଆଲଭାବେ ଦୀପକ ରାମ, ପ୍ରଦୀପ ଚୌଧୁରୀ, ପ୍ରତିଯୋଗିତାର ବିଚାରକ ଭାବେ ଦିବ୍ୟରଞ୍ଜନ ଦାସ, ତରଣୀସେନ ନାୟକ, କ୍ରିଷ୍ଣା ଟୁଡୁ, ରୁପାଲୀ ସୋରେନ, ପାର୍ବତୀ ହାଁସଦା, ଉଷାକାନ୍ତ ମହାଲିକ, ରାଜକିଶୋର ପାତ୍ର ପ୍ରମୁଖ ଯୋଗଦେଇ କ୍ରୀଡ଼ାବିତ୍ମାନଙ୍କୁ ଚୟନ କରିଥିଲେ। ଆସନ୍ତା ନଭେମ୍ବର ମାସରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ରଗ୍ବୀ ଫୁଟବଲରେ ୪୮ ଜଣ ଓ ସିପକ ଟାକ୍ରରେ ୧୦ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିବେ। ରଗବୀ ଫୁଟବଲ ୧୭ ବର୍ଷରୁ କମ ବାଳକ ବିଭାଗରେ ସୋନାର ସିଂ ବେସ୍ରା, ଶିବ ସୋରେନ, ଆଚମ ଟୁଡୁ, କାହ୍ନୁ ମାର୍ଣ୍ଡି, ଦୀପକ ବେହେରା, ସାମଲ ବାସ୍କେ, ଆଶ୍ୱେଷର ମାରାଣ୍ଡି, ସାଗୁନ ସୋରେନ, ସୁବାଷ ହାଁସଦା, ଜୟରାମ ଟୁଡୁ, ଆଦିତ୍ୟ ଧୁଙ୍ଗିଆ, ରଘୁନାଥ ଟୁଡୁ ଓ ବାଳିକା ବିଭାଗରେ ସୁମିତ୍ରା ମୁର୍ମୁ, ବାସନ୍ତୀ ମୁର୍ମୁ, ଦୁଲାରୀ ମୁର୍ମୁ, ମମତା ମୁର୍ମୁ, ସୋନାଲୀ ମାରାଣ୍ଡି, ହିସି ଟୁଡୁ, ପାଏଲ ହାଁସଦା, ସବିତା ସୋରେନ, ପାମା ମୁର୍ମୁ, ସଲମା ସୋରେନ, ସଲମା ସୋରେନ, ମନୀଷା ସୋରେନ। ରଗବୀ ଫୁଟବଲରେ ୧୪ ବର୍ଷରୁ କମ ବାଳକ ବିଭାଗରେ ବିକ୍ରମ ଦାସ, ରଜନୀକାନ୍ତ ହେମ୍ବ୍ରମ, ବିଶ୍ୱଜିତ ସୋରେନ, ବାଇଜୁ ମାରାଣ୍ଡି, ସୁନ୍ଦରମୋହନ ମାରାଣ୍ଡି, ବୁଦ୍ଧାନ ସିଂ ବାଇପାଇ, ଫାଗୁ ମୁର୍ମୁ, ମନୋଜ ମୁର୍ମୁ, ବାଦଲ ନାଏକ, ରତୁରାଜ ଟୁଡୁ, ଅତୁନ ପାଣି ଓ ବାଳିକା ବିଭାଗରେ ଅନୁପ୍ରିୟା ମୁର୍ମୁ, ଶୁଭେନା ହେମ୍ବ୍ରମ, ସୁଦର୍ଶନ, କ୍ରିଷ୍ଣା ନାଏକ, ହିସି ଟୁଡୁ, ଚୁମୁକି ରାଣୀ ମୁର୍ମୁ, ସରିତା ମୁର୍ମୁ, ସାବିତ୍ରୀ ମାରାଣ୍ଡି, ସୀତା ମାରାଣ୍ଡି, ସାଲହ କିସ୍କୁ, ଶାନ୍ତିପ୍ରିୟା ମୁର୍ମୁ, ରାଜଲକ୍ଷ୍ମୀ ରାମ, ସରମଣୀ ହେମ୍ବ୍ରମ। ସିପାକ ଟାକ୍ରୋ ପ୍ରତିଯୋଗିତାରେ ୧୭ ବର୍ଷରୁ କମ ବାଳକ ବିଭାଗରେ ରାହୁଲ ସିଂ, ଆଶିଷ ସିଂ, ଅର୍ଜୁନ ମୁର୍ମୁ, କିଶାନ ନାଏକ, ଜିତୁ ସିଂ ଓ ବାଳିକା ବିଭାଗରେ ଅର୍ଚ୍ଚିତା ନାଏକ, ସୁମିତ୍ରା ସିଂ, ସାଗରିକା ମୁର୍ମୁ, ଅଲିଭା ନାଏକ, ସୁକନ୍ୟା ସିଂ। ମୟୂରଭଞ୍ଜ ଜିଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଏମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ରାଜ୍ୟସ୍ତରରେ ସଫଳତା କାମନା କରାଯାଇଛି।

# ନାବାଳିକା ନିଖୋଜ

**ପାଟଣା,୧୯।୧୦(ବୀର କିଶୋର ଦାଶ):** କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକା ନିଖୋଜ ହୋଇଯାଇଛନ୍ତି। ସେ ବେଲଦା କଲେଜରେ ଯୁକ୍ତ ୨ରେ ପଢୁଥିବା ବେଳେ ମଙ୍ଗଳବାର କଲେଜକୁ ଯାଇ ଫେରି ନଥିଲେ। ଖୋଜାଖୋଜି ପରେ ନ ପାଇବାରୁ ଗୁରୁବାର ନାବାଳିକାଙ୍କ ବାପା ତୁରୁମୁଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତୁରୁମୁଙ୍ଗା ଥାନାରେ ଏକ ମାମଲା (ନଂ.୧୮୦/୨୩) ରୁଜୁ ହୋଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଇନ୍ଦ୍ରଜିତ ବେହେରା କହିଛନ୍ତି।

# 'ବଜେଟ ଅର୍ଥ ବ୍ୟବସ୍ଥାର ଏକ ସାଧନା' ସମ୍ପର୍କିତ ଆଲୋଚନା

ଗୋପବନ୍ଧୁ ନଗର,୧୯।୧୦ (ଶାନ୍ତନୁ କୁମାର ମହୁଆଳ)-ମୟୂରଭଞ୍ଜ ଜିଲା ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ପକ୍ଷରୁ 'ବଜେଟ ଅର୍ଥ ବ୍ୟବସ୍ଥାର ଏକ ସାଧନା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ତପନ ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ କଲେଜର ପ୍ରଶାସନିକ ଅଧିକାରୀ ପ୍ରମୋଦ ମିଶ୍ର, ଗୋପା ସିଂହ, ବବିତା ମହାନ୍ତ, କିଶୋର ଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଅର୍ଥ ବ୍ୟବସ୍ଥାରେ ବଜେଟର ଆବଶ୍ୟକତା ତଥା ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଭାଗର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିବା ବେଳେ ତୃତୀୟ ବର୍ଷର ଛାତ୍ରୀ ଦୀପିକା ବାରିକ ଧନ୍ୟବାଦ ଦେଇଥିଲେ।

# ଜାତୀୟ ଜନଜାତି ଆୟୋଗଙ୍କ ଜନ ଶୁଣାଣି



ଜାତୀୟ ଜନଜାତି ଆୟୋଗ ଅନନ୍ତ ନାୟକ ଅଭିଯୋଗ ଗ୍ରହଣ କରୁଛନ୍ତି।

କଣ୍ଟିପାଳ,୧୯।୧୦(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅଧୀନ କଣ୍ଟିପାଳ ପଞ୍ଚାୟତରେ ବୁଧବାର ଜାତୀୟ ଜନଜାତି ଆୟୋଗ ଅନନ୍ତ ନାୟକଙ୍କ ଦ୍ୱାରା ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାଠକଟା, କଣ୍ଟିପାଳ, ବାଉଁଶଗଡ଼, ଶାଳବଣି, ତରତରା, ମୋଚିନ୍ଦା ପଞ୍ଚାୟତର ୧ ହଜାରରୁ ଊର୍ଦ୍ଧ୍ୱ ଲୋକ ଉପସ୍ଥିତ ରହି ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ, ବିଜୁପକାଘର, କାଳିଆ ଯୋଜନା, ଜଙ୍ଗଲ ଜମି ପଟ୍ଟା, ରାସ୍ତା ଓ ପାନୀୟ ଜଳ ସମସ୍ୟାକୁ ନେଇ ଆବେଦନ କରିଥିଲେ। ଏଥିରେ ବିଭିନ୍ନ ସରକାରୀ କର୍ମଚାରୀ ଉପସ୍ଥିତ ରହି ସମସ୍ୟାର ସମାଧାନ ପାଇଁ ଆଲୋଚନା କରିଥିଲେ।

# ଦୁର୍ଗାପୂଜା ପୂର୍ବରୁ ଜଳେଶ୍ୱର ପୋଲିସର ଫ୍ଲାଗମାର୍ଚ୍ଚ

ଜଳେଶ୍ୱର, ୧୯।୧୦ (ରବିନାରାୟଣ ପାତ୍ର)

ଶାନ୍ତି କମିଟି ବୈଠକର ସିଦ୍ଧାନ୍ତ ଅନୁଯାୟୀ ଜଳେଶ୍ୱର ପୋଲିସ ଓ ପ୍ରଶାସନ ମିଳିତ ଭାବେ ବଜାରରେ ଫ୍ଲାଗମାର୍ଚ୍ଚ କରିଛି। ଉପାନ୍ତ ପଶ୍ଚିମବଙ୍ଗର କେତେକ ବ୍ୟକ୍ତି ୬୦ନଂ. ଜାତୀୟ ରାଜପଥ ଓ ଅନ୍ୟ କେତେକ ସ୍ଥାନରେ ଅପରାଧ ଘଟାଇ ଆସୁଥିବାରୁ ସତର୍କତା ଅବଲମ୍ବନ କରି ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି। ଅନ୍ୟପକ୍ଷରେ ଶାନ୍ତି କମିଟି ସିଦ୍ଧାନ୍ତ ଅନୁଯାୟୀ ନିୟମ ପାଳନ ନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ବୋଲି ଏସ୍ଡିପିଓ ଦିଲୀପ ସାହୁ କହିଛନ୍ତି । ମ୍ୟୁନିସିପାଲଟି ଓ ଥାନା ପକ୍ଷରୁ ପୂର୍ବାହ୍ନରେ ଏହି ଫ୍ଲାଗମାର୍ଚ୍ଚ ବେଳେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା। ସହରର ୪ଟି ସ୍ଥାନରେ ଦୁର୍ଗାପୂଜା ହେଉଥିବାରୁ ସବୁ ସ୍ଥାନରେ ସିସିଟିଭି ଲଗାଇବା, ଆବଶ୍ୟକ ପୋଲିସ ମୁତୟନ ରହିବା, ଛକସ୍ଥାନଗୁଡିକରେ ଟ୍ରାଫିକ୍ ପୋଲିସ ବ୍ୟବସ୍ଥା ସମ୍ପର୍କରେ ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଇଥିଲା। ଏହି ଫ୍ଲାଗମାର୍ଚ୍ଚ ବେଳେ ପୌରାଧକ୍ଷ ପ୍ରତୀପ ପ୍ରଧାନ, ଉପାଧକ୍ଷା ପୁଷ୍ପପ୍ରିୟା କାମିଲା, କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ ମହାପାତ୍ର, ଆଇଆଇସି ରଞ୍ଜନ ସେଠୀ, ସନାତନ ବିଶ୍ୱାଳ, ଚିରଞ୍ଜୀବୀ ରାଉତ, ମଧୁସ୍ମିତା ସିଂ, ନରହରି ମହାଳିକ, ନୀଳକଣ୍ଠ ପୃଷ୍ଟି ଓ ଦିଲୀପ ମୁଖୀ ପ୍ରମୁଖ ଯୋଗଦେଇ ସଚେତନ କରାଇଥିଲେ ।

# ହାଇସ୍କୁଲ ନୂତନ ସମ୍ମିଳନୀ କକ୍ଷର ଶିଳାନ୍ୟାସ



ଶିଳାନ୍ୟାସ ଉତ୍ସବରେ ଅତିଥିମାନେ।

ତିହିଡି,୧୯।୧୦ (ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ପୀରହାଟ ଶାନ୍ତି ଶୈଳେନ୍ଦ୍ର(ପିଏସ୍ଏସ୍) ହାଇସ୍କୁଲର ନୂତନ ସମ୍ମିଳନୀ କକ୍ଷର ଗୁରୁବାର ଶିଳାନ୍ୟାସ ହୋଇଯାଇଛି। ମୋ ସ୍କୁଲ ଅଭିଯାନରେ ୨୯.୧୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ସମ୍ମିଳନୀ କକ୍ଷ ପାଇଁ ବିଡିଓ ଜ୍ୟୋତିର୍ମୟ କର ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ। କନିଷ୍ଠ ଯନ୍ତ୍ରୀ ଭରତ ଚନ୍ଦ୍ର ବିଶ୍ୱାଳ, ସରପଞ୍ଚ ପ୍ରଭାତ କୁମାର ମିଶ୍ର, ଏମ୍ଜିଏନ୍ଆର୍ଇଜିଏସ୍ ସହକାରୀ ସୁଧାଂଶୁ ନାୟକ, ଆଲୁମ୍ନି କମିଟି ସଭାପତି ଗଗନ ବିହାରୀ ରାଉତ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଶୈଳେନ୍ଦ୍ର ନାୟକ, ମଦନମୋହନ ମହାକୁଡ଼, ଅନାଦି ଚରଣ ଦାସ, ଗୋପୀନାଥ କର, ମଥୁରା ମୋହନ ବେହେରା, ହିମାଦ୍ରୀ ମିଶ୍ର, ବିଜୟ ରାଉତ, ସୁକାନ୍ତ ବଳଙ୍କ ସମେତ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

# 'ମହକ'ରେ ଭାଗନେଲେ ଶିଶୁଯନ୍ ଅନୁଷ୍ଠାନର ଅନ୍ତେବାସୀ

ଭଦ୍ରକ,୧୯।୧୦(ସନାତନ ରାଉତ)

ଭଦ୍ରକ ଜିଲା ସଂସ୍କୃତି ଭବନ ପରିସରରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ 'ମହକ' -୨୦୨୩ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରି ଶିଶୁମାନଙ୍କ ପ୍ରତିଭାର ବିକାଶ ହୋଇପାରିଲେ ସେମାନେ ଆଗକୁ ବଢ଼ିବେ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଶିଶୁ ମଙ୍ଗଳ କମିଟି ଅଧକ୍ଷ ଡା. ଦେବରାଜ ପାଣିଗ୍ରାହୀ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ପୁଷ୍ପଲତା ପାତ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଜିଲାସ୍ତରରେ ଥିବା ୯ଟି ଶିଶୁଯନ୍ ଅନୁଷ୍ଠାନର ଅନ୍ତେବାସୀମାନେ ବକ୍ତୃତା, ସଙ୍ଗୀତ, ବୁଦ୍ଧି ପରୀକ୍ଷା, ଚିତ୍ରାଙ୍କନ, ଦଳଗତ ନୃତ୍ୟ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଉଦ୍ଯାପନୀ ପର୍ବରେ ଅତିରିକ୍ତ ଜିଲାପାଳ ଶାନ୍ତନୁ ମହାନ୍ତି ଓ ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିଶୁ ମଙ୍ଗଳ କମିଟିର ସଦସ୍ୟ ମୌସୁମୀ ମାଇତି, ନବୀନ ଚନ୍ଦ୍ର ସାହୁ, ଭାରତୀ ଦାଶ, ଅମର ବାରିକ, ଜିଲା ଶିଶୁ ସୁରକ୍ଷା ୟୁନିଟ୍ର ଆନୁଷ୍ଠାନିକ ଅଧିକାରୀ ବିଶ୍ୱନାରାୟଣ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।



ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

# ୩୬୦ ଭାଗ୍ୟଶାଳୀ ବିଜେତାଙ୍କୁ ଆକର୍ଷଣୀୟ ପୁରସ୍କାର

ବାଲେଶ୍ୱର, ୧୯।୧୦(ମାନସ ବିଶ୍ୱାଳ)

ଦୁର୍ଗାପୂଜା ଅବସରରେ ବାଲେଶ୍ୱର ଜିଲା ରେମୁଣା ଗୋଳେଇସ୍ଥିତ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ଯୋଗ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଏନ୍ଓଡିଏଲ) ପକ୍ଷରୁ ବିଦ୍ୟୁତ ଉପଭୋକ୍ତାଙ୍କ ପାଇଁ ଆକର୍ଷଣୀୟ 'ଶାରଦୀୟ ଅମୃତ କୁମ୍ଭ' ଅଫର ଆଣିଛି। ଉପଭୋକ୍ତାମାନେ ବିଦ୍ୟୁତ ଦେୟ ପୈଠ କରି ଆକର୍ଷଣୀୟ ଉପହାର ଜିତିବାର ସୁଯୋଗ ପାଇପାରିବେ।

ଟିପିଏନଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାସ୍କର ସରକାର 'ଶାରଦୀୟ ଅମୃତ କୁମ୍ଭ' ଅଫରକୁ ଶୁଭାରମ୍ଭ କରି ଚଳିତବର୍ଷ ମଧ ଏହି ଆକର୍ଷଣୀୟ ଅଫର ଉପଭୋକ୍ତାମାନଙ୍କ ପାଇଁ ଆରମ୍ଭ କରାଯାଇଛି। ଡିଜିଟାଲ ଦେୟ ତଥା ନିୟମିତ ଦେୟକୁ ପ୍ରୋତ୍ସାହନ ପାଇଁ ଏହି ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି। ୪ଟି ବର୍ଗରେ ଉପଭୋକ୍ତାଙ୍କୁ ଏହି ଉପହାର ପ୍ରଦାନ କରାଯିବାକୁ ଥିବାବେଳେ 'ଲକି ଡ୍ର' ମଧ୍ୟମରେ ଭାଗ୍ୟଶାଳୀ ବିଜେତାଙ୍କୁ ଚୟନ କରାଯିବ। ସେ ଆହୁରି ମଧ ଦର୍ଶାଇଥିଲେ ଯେ 'ଶାରଦୀୟ ଅମୃତ କୁମ୍ଭ ଅଫର' ଅବଧି ଆସନ୍ତା ନଭେମ୍ବର ୩୦ପର୍ଯ୍ୟନ୍ତ ରହିବ। ଏହି ସମୟସୀମା ମଧ୍ୟରେ ବିଦ୍ୟୁତ ବିଲ୍ ପଇଠ କରୁଥିବା ଉପଭୋକ୍ତା ଅଫର୍ର ଲାଭ ଉଠାଇପାରିବେ। ପ୍ରଥମବର୍ଗରେ କୌଣସି ଦେୟ ବଳକା ନ ଥିବା ଉପଭୋକ୍ତାଙ୍କୁ ସ୍ଥାନିତ କରାଯିବାକୁ ଥିବା ବେଳେ ଦ୍ୱିତୀୟ ବର୍ଗରେ ଡିଜିଟାଲ ମୋଡରେ ବିଦ୍ୟୁତ୍ ବିଲ୍ ପଇଠ କରୁଥିବା ତଥା କୌଣସି ବିଲ୍ ବକେୟା ନ ଥିବା ଉପଭୋକ୍ତାଙ୍କୁ ଏହି ସୁବିଧା ମିଳିବ। ସେହିଭଳି ବିଭିନ୍ନ ତୃତୀୟପକ୍ଷ ସଂସ୍ଥା ଦ୍ୱାରା ବିଦ୍ୟୁତ ବିଲ୍ ପଇଠ କରୁଥିବା ଏବଂ ମାଇଁ ଟାଟା ପାୱାର ଆପ୍ର ବ୍ୟବହାର ଓ ନୂଆ ଉପଭୋକ୍ତାଙ୍କ ପଞ୍ଜୀକରଣକୁ ଭିତ୍ତି କରି ସମୁଦାୟ ୪ଟି ବର୍ଗରେ ଭାଗ୍ୟଶାଳୀ ବିଜେତାଙ୍କୁ ଚୟନ କରାଯିବ। ତେବେ ନିୟମିତ ବିଦ୍ୟୁତ ବିଲ୍ ପଇଠ କରୁଥିବା ଓ କୌଣସି ବିଲ ବକେୟା ନ ଥିବା ଉପଭୋକ୍ତାଙ୍କୁ ହିଁ ଭାଗ୍ୟଶାଳୀ ବିଜେତା ଭାବେ ଚୟନ କରାଯିବ। ଟିପିଏନ୍ଓଡ଼ିଏଲ୍ର ବାଲେଶ୍ୱର, ବାରିପଦା, କେନ୍ଦୁଝର, ଭଦ୍ରକ, ଯାଜପୁର ଆଞ୍ଚଳିକ କ୍ଷେତ୍ରରୁ ପ୍ରତି ବର୍ଗରେ ୯୦ଜଣ ଲେଖାଏଁ ସମୁଦାୟ ୩୬୦ଜଣ ଉପଭୋକ୍ତା ପୁରସ୍କୃତ ହେବେ। ପ୍ରଥମ ଉପହାର ୫ଟି ଆଞ୍ଚଳିକ କ୍ଷେତ୍ରରୁ ୫ଜଣଙ୍କୁ ମିଳିବାକୁ ଥିବାବେଳେ ଦ୍ୱିତୀୟ ଓ ତୃତୀୟ ଉପହାର ଯଥାକ୍ରମେ ୧୦ ଓ ୨୫ ଜଣଙ୍କୁ ପ୍ରଦାନ କରାଯିବ। ସେହିଭଳି ପ୍ରତିକ୍ଷେତ୍ରରୁ ୫୦ଜଣ ଭାଗ୍ୟଶାଳୀ ବିଜେତାଙ୍କୁ ସାନ୍ତ୍ୱନାମୂଳକ ଉପହାର ପ୍ରଦାନ କରାଯିବ। ଏହି ଅଫର ଅବଧି ଆସନ୍ତା ନଭେମ୍ବର ୩୦ତାରିଖ ପର୍ଯ୍ୟନ୍ତ ଥିବା ବେଳେ ଉପଭୋକ୍ତାମାନେ ଏ ସମ୍ପର୍କିତ ସବିଶେଷ ତଥ୍ୟ ଦେୟ ମୁକ୍ତ ଗ୍ରାହକ ସେବା ନମ୍ବର ୧୮୦୦-୩୪୫୬-୭୧୮/୧୯୧୨କୁ କଲ୍ କରି ପାଇପାରିବେ ବୋଲି କହିଥିଲେ। ଖବରଦାତା ସମ୍ମିଳନୀରେ ଟିପିଏନଓଡିଏଲର ବାଣିଜ୍ୟ ବିଭାଗ ଓ ସିଏସଆର ମୁଖ୍ୟ ଦୁଷ୍ୟନ୍ତ କୁମାର ତ୍ୟାଗୀ, ଚିଫ୍ କମର୍ସିଆଲ ରମେଶ କ୍ୱଲ, ବାଣିଜ୍ୟ ବିଭାଗ ମୁଖ୍ୟ ଶୁଭ୍ରଜ୍ୟୋତି ଦାସ ଓ ଲୋକସମ୍ପର୍କ ଅଧିକାରୀ ଚିତ୍ତରଞ୍ଜନ ପ୍ରଧାନ ଉପସ୍ଥିତ ଥିଲେ।



ଟିପିଏନ୍ଓଡ଼ିଏଲ୍ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଧିକାରୀଗଣ।

**'ଶାରଦୀୟ ଅମୃତ କୁମ୍ଭ ଅଫର'**

